# ବେସିକ୍ ଅକ୍ସିଜେନ୍ ଫର୍ଣ୍ଣେସ ସ୍ଲାଗ୍ ଏବଂ ଫ୍ଲାଏ ଆସ୍ ଜରିଆରେ ମୃତ୍ତିକା ଉନ୍ନତିକରଣ

**ଢେଙ୍କାନାଳ, ୧୯।୬ (ସମିସ)**:ରାଜ୍ୟରେ ଏକ ଦୀର୍ଘସ୍ଥାୟୀ କୃଷି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଟାଟା ଷ୍ଟିଲ୍ ଓଡ଼ିଶା ସରକାରଙ୍କ ସହ ହାତ ମିଳାଇଛି। ଏହି ସହଯୋଗିତାର ଲକ୍ଷ୍ୟ ହେଉଛି ଓଡ଼ିଶାରେ ଅମ୍ଳୀୟ ମୃତ୍ତିକାର ପୁନରୁଦ୍ଧାର ପାଇଁ ବେସିକ ଅକ୍ସିଜେନ ଫର୍ଣ୍ଣେସ୍ (ଏଲଡି) ସ୍ଲାଗ୍ ଏବଂ ଫ୍ଲାଏ ଆସ୍ ଭଳି ଶିଳ୍ପ ବର୍ଜ୍ୟବସ୍ତୁକୁ ମୃତ୍ତିକାର ମାନରେ ସୁଧାର ଆଣିବା ପାଇଁ ବ୍ୟବହାର କରିବା। ଢେଙ୍କାନାଳ ଜିଲ୍ଲାର ଟାଟା ଷ୍ଟିଲ ମେରାମଣ୍ଡଳୀ କାରଖାନାରୁ ଜୁନ ୧୮ ରୁ ଏହି ଏଲଡି ସ୍ଲାଗ୍ ଯୋଗାଣ ଆରମ୍ଭ କରାଯାଇଛି।



## ■ ଓଡ଼ିଶାରେ କାର୍ଯ୍ୟକାରୀ ହେବ ପ୍ରଥମ ଇସ୍ପାତ ଶିଳ୍ପ

ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ କଟକସ୍ଥିତ ଜାତୀୟ ଧାନ ଗୋବଷଣା କେନ୍ଦ୍ରର ବୈଜ୍ଞାନିକ ଡ. ମନୀଷ ଦେବନାଥ, ଟାଟା ଷ୍ଟିଲ୍ ଆଇବିଏମଡି ଚିଫ୍ ଆଲୋକ ରଞ୍ଜନଙ୍କ ସମେତ ଟିଏସ୍ଏମ୍‌ର ଅନ୍ୟ ଅଧିକାରୀମାନଙ୍କ ମଧ୍ୟରେ ପରିବେଶ ଚିଫ୍ ଅନୁପ ଶ୍ରୀବାସ୍ତବ, କର୍ପୋରେଟ୍ ରିଲେସନ ମୁଖ୍ୟ ନୃସିଂହ ଚରଣ ମହାପାତ୍ର, ଆଇବିଏମଡି ଅପରେସନ ମୁଖ୍ୟ ସୁନୀଲ କୁମାର ରାଉତ, ପରିବେଶ ମୁଖ୍ୟ ସଞ୍ଜୀବ କୁମାର ପାଲ, ପରିବେଶ ବିଭାଗର ବରିଷ୍ଠ ଅଧିକାରୀ ସନ୍ତୋଷ ପାଟଯୋଶୀ, ଆଇବିଏମଡି ଅଧିକାରୀ ସୁଶୁଭନ ଘୋଷାଲ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଓଡ଼ିଶାର କଟକସ୍ଥିତ ଜାତୀୟ ଧାନ ଗୋବଷଣା କେନ୍ଦ୍ର - ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ ଓଡ଼ିଶାର ଅମ୍ଳୀୟ ମୃତ୍ତିକା ପୁନରୁଦ୍ଧାର ପାଇଁ ମୃତ୍ତିକା ସୁଧାରରେ ମୌଳିକ ସ୍ଲାଗ୍ ଏବଂ ଫ୍ଲାଏ ଆସ୍‌ର ସୁଲଭ ମୂଲ୍ୟରେ ଏବଂ ପରିବେଶ ଅନୁକୂଳ ଉପଯୋଗ ଶୀର୍ଷକ ପ୍ରକଳ୍ପର ନେତୃତ୍ୱ ନେଉଛି। ସର୍କୁଲାର ଅର୍ଥନୀତିକୁ ପ୍ରୋତ୍ସାହନ ଦେଉଥିବା ଓଡ଼ିଶା ସରକାରଙ୍କ "ବର୍ଜ୍ୟରୁ ସମ୍ପଦ" କାର୍ଯ୍ୟକ୍ରମର ଏକ ଅଂଶବିଶେଷ ଭାବେ ଏହି ପଦକ୍ଷେପ ନିଆଯାଇଛି।

ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ଓଡ଼ିଶା ସରକାର ଓ ଆଇସିଏଆର-ଏନଆରଆଇ ସହ ସହଯୋଗିତା ସ୍ଥାପନ କରି ଆମେ ଆନନ୍ଦିତ ବୋଲି ଟାଟା ଷ୍ଟିଲର ନିରାପତ୍ତା, ସ୍ୱାସ୍ଥ୍ୟ ଏବଂ ସ୍ଥାୟୀତ୍ୱ ଉପାଧ୍ୟକ୍ଷ ରାଜୀବ ମଙ୍ଗଲ କହିଛନ୍ତି। ସେ କହିଛନ୍ତି ଯେ, ଆମର ଶିଳ୍ପ ବର୍ଜ୍ୟବସ୍ତୁକୁ ବ୍ୟବହାର କରି ଆମେ ଅମ୍ଳୀୟ ମାଟିର ପୁନରୁଦ୍ଧାରରେ ଯୋଗଦାନ କରିପାରିବା ଏବଂ ରାଜ୍ୟରେ ଦୀର୍ଘସ୍ଥାୟୀ କୃଷିକୁ ସମର୍ଥନ କରିପାରିବା। ଏହି ସହଯୋଗିତା ଟାଟା ଷ୍ଟିଲର ପରିବେଶ ପରିଚାଳନା ଏବଂ ସର୍କୁଲାର ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧତାର ପ୍ରମାଣ ଦେଉଛି। ଢେଙ୍କାନାଳ, ଅନୁଗୋଳ ଓ ଯାଜପୁର ଜିଲ୍ଲାଗୁଡ଼ିକରେ ଓଡ଼ିଶାର ନିର୍ଦ୍ଦିଷ୍ଟ ମୃତ୍ତିକାରେ ଉନ୍ନତି ଆଣିବା ପାଇଁ କମ୍ପାନି ପକ୍ଷରୁ ଏହାର ସମନ୍ୱିତ ଲୁହା ଓ ଇସ୍ପାତ କାରଖାନାରେ ଉତ୍ପାଦିତ ହେଉଥିବା ଏଲଡି ସ୍ଲାଗ୍ ଏବଂ ଫ୍ଲାଏ ଆସକୁ ଆବଶ୍ୟକ ପରିମାଣରେ ଯୋଗାଇ ଦିଆଯିବ। ଖରିଫ ମୌସୁମୀ ଫସଲ ଋତୁ ପୂର୍ବରୁ ଏବଂ ରବି ଶୀତକାଳୀନ ଫସଲ ଋତୁ ପୂର୍ବରୁ ଦୁଇଟି ପର୍ଯ୍ୟାୟରେ ମୃତ୍ତିକାରେ ସୁଧାର କରାଯାଇ ବଣ୍ଟନ କରାଯିବ। ଯାହାଫଳରେ ଚାଷୀ ମାନେ ଉଚିତ ସମୟରେ ଏହାର ବ୍ୟବହାର କରିପାରିବେ।

ଏହି ପଦକ୍ଷେପ ପାଇଁ ଟାଟା ଷ୍ଟିଲକୁ ପ୍ରଶଂସା କରି ଅନୁଗୁଳ ସ୍ଥିତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବରିଷ୍ଠ ପରିବେଶ ଯନ୍ତ୍ରୀ ତଥା ଆଞ୍ଚଳିକ ଅଧିକାରୀ ରମେଶ କୁମାର ଏକ୍କା କହିଛନ୍ତି ଯେ, 'ଫ୍ଲାଏ ଆସ୍ ଓ ଏଲଡି ସ୍ଲାଗ୍ ଭଳି ବହୁଳ ଉତ୍ପାଦିତ କଠିନ ଶିଳ୍ପ ବର୍ଜ୍ୟବସ୍ତୁକୁ ବ୍ୟବହାର କରିବା ଲୁହା ଓ ଇସ୍ପାତ କ୍ଷେତ୍ର ପାଇଁ ବଡ଼ ଆହ୍ୱାନ ପାଲଟିଛି। ତେବେ ଢେଙ୍କାନାଳ, ଅନୁଗୁଳ ଓ ଯାଜପୁର ଜିଲ୍ଲାରେ ଏଭଳି ଶିଳ୍ପ ବର୍ଜ୍ୟବସ୍ତୁ ସହ ଆମ୍ଳୀୟ ମାଟିର ମାନରେ ସୁଧାର ଆଣିବା ପାଇଁ ଟାଟା ଷ୍ଟିଲ୍ ପକ୍ଷରୁ ଓଡ଼ିଶା ସରକାର ଓ ଓସିଏଆର-ଏନ୍ଆରଆରଆଇ ସହ ସହଯୋଗିତା ସ୍ଥାପନ କରି ବହୁତ ଭଲ ପଦକ୍ଷେପ ନେଇଛି। କଠିନ ଶିଳ୍ପ ବର୍ଜ୍ୟବସ୍ତୁର ଉପଯୋଗ ଦିଗରେ ଏଭଳି ବୈଜ୍ଞାନିକ ପଦକ୍ଷେପ ପାଇଁ ମୁଁ ଶୁଭେଚ୍ଛା ଜଣାଉଛି। ଫ୍ଲାଏ ଆସ୍ ବିଜ୍ଞପ୍ତି ଏବଂ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଗାଇଡଲାଇନ ଅନୁଯାୟୀ ପାଇରୋ-ମେଟାଲର୍ଜିକାଲ ସ୍ଲାଗ୍ ପରିଚାଳନା ଉପରେ ଏହି ପ୍ରକଳ୍ପକୁ ଓଡ଼ିଶାର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅନୁମୋଦନ ମିଳିଛି। ଆଇସିଏଆର-ଏନଆରଆରଆଇ ହେଉଛି ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର) ଅଧୀନରେ ଥିବା ଏକ ପ୍ରମୁଖ ଗବେଷଣା ଅନୁଷ୍ଠାନ, ଯାହା ଧାନ ଗବେଷଣା ଏବଂ ପ୍ରଯୁକ୍ତି ବିଦ୍ୟାକୁ ଆଗକୁ ବଢ଼ାଇବା ପାଇଁ ସମର୍ପିତ।

## ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

**ହିନ୍ଦୋଳ, ୧୯।୬ ସମିସ)**: ହିନ୍ଦୋଳ ଉପଖଣ୍ଡର ରାସୋଳ ଥାନା ଅନ୍ତର୍ଗତ ବେଡ଼ାପଡ଼ା ଗ୍ରାମସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରୁ ୧୭ ତାରିଖ ରାତିରେ ବହୁ ଉପକରଣ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ରରୁ ୪ ଟି ଇନଭର୍ଟର ବ୍ୟାଟେରି, ୨ଟି ମେସିନ ଓ ଗୋଟିଏ ଏଲଇଡି ଟିଭି ସମେତ କିଛି ଉପକରଣ ଚୋରି ହୋଇଥିବା ନେଇ ଡାକ୍ତର ସୁଭଦ୍ରା ସାହୁ ରାସୋଳ ଥାନରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ରାସୋଳ ଥାନାଧିକାରୀ ବିଧୁଭୂଷଣ ମିଶ୍ର ପୁଲିସ ଅନୁସନ୍ଧାନକାରୀ କୁକୁର ଡକାଇ ଘଟଣାସ୍ଥଳରେ ପ୍ରାଥମିକ ଅନୁସନ୍ଧାନ ଜାରି ରଖିଥିବା ବେଳେ ଖୁବଶୀଘ୍ର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରକାଶ କରିଛନ୍ତି। ଏହି ଚୋରି ସାମଗ୍ରୀଗୁଡିକର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡ଼ିଛି।

### ■ ସର୍ବଭାରତୀୟ କିକ୍ ବକ୍ସିଂ ଚାମ୍ପିଅନସିପ୍

## ୩ ସଫଳ ଖେଳାଳି ସମ୍ବର୍ଦ୍ଧିତ



**ଢେଙ୍କାନାଳ, ୧୯।୬(ସମିସ)**:ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସର୍ବଭାରତୀୟ କିକ୍ ବକ୍ସିଂ ଚାମ୍ପିଅନସିପ୍‌ରେ ଅଂଶଗ୍ରହଣ କରି ସଫଳତା ପାଇଥିବା ଜିଲ୍ଲାର ୩ଜଣ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପଶ୍ଚିମବଙ୍ଗର ସିଲିଗୁଡ଼ିଠାରେ ସର୍ବଭାରତୀୟ କିକ୍ ବକ୍ସିଂ ଚାମ୍ପିଅନସିପ୍ ଜୁନ ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ୱାକୋ ଓଡ଼ିଶା ତରଫରୁ ୩୫ ଜଣ ବାଳକ ଓ ବାଳିକା ଅଂଶଗ୍ରହଣ କରିଥିଲେ। ସେଥି ମଧ୍ୟରୁ ଢେଙ୍କାନାଳ ଡାଇମଣ୍ଡ କିକ୍ ବକ୍ସିଂ ଆସୋସିଏସନ ତରଫରୁ ୩ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ଯୋଗେଶ୍ୱର ସାହୁ ୧ ଟି ରୌପ୍ୟ ପଦକ ଏବଂ ୨ ଟି କାଂସ୍ୟ ପଦକ, ସ୍ମୃତି ଭୋଇ ୧ଟି କାଂସ୍ୟ ପଦକ ଏବଂ ରୋଜାଲିନ୍ ସ୍ୱାଇଁ ଅଂଶଗ୍ରହଣ କରିଥିଲେ। ମିହିର କୁମାର ସାହୁ ଓଡ଼ିଶାର କୋଚ୍ ଭାବରେ ଯାଇ ଦାୟିତ୍ୱ ନିର୍ବାହ କରିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏହି ଖେଳାଳିମାନଙ୍କୁ ସଫଳତା ହାସଲ ପାଇଁ ଜିଲ୍ଲା ଡିଏସଓ ପ୍ରଦୀପ୍ତ କୁମାର ମହାନ୍ତି ସମ୍ବର୍ଦ୍ଧିତ କରିଥିଲେ। ଏହି ସଫଳତା ପାଇଁ ୱାକୋ ଓଡ଼ିଶାର ଚିଫ୍ ଆଡଭାଇଜର ଭବାନୀ ପ୍ରସାଦ ମିଶ୍ର, ସଭାପତି କାର୍ତ୍ତିକ ଡ଼ାକୁଆ, ଢେଙ୍କାନାଳ ଡାଇମଣ୍ଡ କିକ୍ ବକ୍ସିଂ ଆସୋସିଏସନ୍‌ର ସଭାପତି ଶଶିକାନ୍ତ ଗଡ଼ନାୟକ, ଉପସଭାପତି ସନ୍ତୋଷ କୁମାର ପରିଡ଼ା, ସମ୍ପାଦିକା କୀର୍ତ୍ତିରାନି ସାହୁ, କୋଚ୍ ମିହିର କୁମାର ସାହୁ ଏବଂ ଆସୋସିଏସନର ସମସ୍ତ ସଦସ୍ୟ ଏବଂ ଖେଳାଳିମାନେ ଶୁଭେଚ୍ଛା ଜଣାଇଛନ୍ତି।

## ଉଠାଜଳସେଚନ ପାଣି ପମ୍ପ ଚୋରି ଅଭିଯୋଗ



**ଢେଙ୍କାନାଳ, ୧୯।୬ (ସମିସ)**: ସଦର ବ୍ଲକ ଅନ୍ତର୍ଗତ ମଣ୍ଡପାଳ ଗ୍ରାମରେ ଥିବା ଉଠାଜଳସେଚନ ପ୍ରକଳ୍ପର ପାଣି ପମ୍ପ ଚୋରି ହୋଇଥିବା ସଦର ଥାନାରେ ଅଭିଯୋଗ ହୋଇଛି। ନୂଆଗାଁ ପଞ୍ଚାୟତ ମଣ୍ଡାପାଳ ଗ୍ରାମ ନିକଟରେ ଗ୍ରାମର ଚାଷୀମାନଙ୍କ ପାଇଁ ସରକାରଙ୍କ ଉଠା ଜଳସେଚନ ବିଭାଗ ତରଫରୁ ଜଳସେଚନ ପାଇଁ ଦୁଇଟି ବଡ଼ ପାଣି ପମ୍ପ ଲଗାଯାଇଥିଲା। ଏହା ଦ୍ୱାରା ଚାଷୀମାନଙ୍କୁ ଖରିଫ ଏବଂ ରବି ଋତୁରେ ଜଳସେଚନ କରାଯାଇଥାଏ। ବୁଧବାର ସକାଳ ସମୟରେ ଗ୍ରାମର ସର୍ବେଶ୍ୱର ବ୍ରହ୍ମ ସେଠାକୁ ଯାଇ ଦେଖିବା ବେଳେକୁ କେହି ଦୁର୍ବୃତ୍ତ କବାଟ ଭାଙ୍ଗି ପାଣି ପମ୍ପ ଦୁଇଟିକୁ ଚୋରିକରି ନେଇଥିବାର ଜାଣିଥିଲେ। ପରେ ଗ୍ରାମବାସୀ ଏକତ୍ରିତ ହୋଇ ପମ୍ପ ଚୋରିକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହିତ ଚୋରକୁ ଧରିବାକୁ ସଦର ଥାନାରେ ଲିଖିତ ଭାବରେ ଅଭିଯୋଗ କରିଥିବା ଜଣାପଡ଼ିଛି।

## କବି ଈଶ୍ୱର ଚନ୍ଦ୍ର ସାମଲଙ୍କ ସ୍ମୃତିସଭା



**ଗଁଦିଆ, ୧୯।୬ (ସମିସ)**: ସ୍ଥାନୀୟ ଜିଲ୍ଲା ଲେଖକ ସଂସଦ ପରିସରରେ ବିଶିଷ୍ଟ କବି ତଥା ସମାଜସେବୀ ଈଶ୍ୱର ଚନ୍ଦ୍ର ସାମଲଙ୍କ ପଞ୍ଚଦଶତମ ସ୍ମୃତି ସଭା ସଂସଦର ସଭାପତି ସଂଗ୍ରାମ କିଶୋର ଶତପଥୀଙ୍କ ସହଯୋଗରେ ଜିଲ୍ଲା ଲେଖକ ସଂସଦର ସଭାପତି ବସନ୍ତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସିବିଆଇର ପୂର୍ବତନ ସ୍ୱତନ୍ତ୍ର ବିଚାରପତି ଭିକାରୀ ଚରଣ ରାଉତ, ସମ୍ମାନିତ ଅତିଥି ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ୍ ଓଡ଼ିଶାର ସଭାପତି ପ୍ରକୃତିବନ୍ଧୁ ହରିହର ସାହୁ, ନୂଆଗଡ଼ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ବିଜୟ କୁମାର ସାମନ୍ତଙ୍କ ତ୍ୟାଗ ପୂତ ଜୀବନ ଉପରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ଢେଙ୍କାନାଳ ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ସମୀର କୁମାର ସାହୁ, ବିଶିଷ୍ଟ ସମାଜସେବୀ ସେକ୍ ଅବଦୁଲ ସାମିଲ୍, ସଂଗ୍ରାମ କିଶୋର ଶତପଥୀ, ସୁକାନ୍ତି ସାହୁ, ଉପେନ୍ଦ୍ର କୁମାର ସାମଲ ସ୍ୱର୍ଗତ ସାମଲଙ୍କ ଆଦର୍ଶ ଅନୁପ୍ରେରିତ ହୋଇ କାର୍ଯ୍ୟକରିବା ପାଇଁ ଆହ୍ୱାନ ଦେଇଥିଲେ। କବୟିତ୍ରୀ ସୁକାନ୍ତି ସାହୁଙ୍କ ସଂଯୋଜନାରେ କବିତା ଆସର ହୋଇଥିଲା। ବରିଷ୍ଠ କବି ବିଦ୍ୟାଧର ବାରିକଙ୍କ ସହିତ ଅନେକ କବି ସ୍ୱରଚିତ କବିତାମାନ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ଜିଲ୍ଲା ଲେଖକ ସଂସଦର କବି କୃଷିଦା ବେଗମ୍ ଙ୍କ ସହିତ ପ୍ରାୟ ଶତାଧିକ କବି ଯୋଗ ଦେଇଥିଲେ।

### ବରିଷ୍ଠ ନାଗରିକ ଫୋରମ୍‌ର ନିଆରା ପ୍ରୟାସ

## ସ୍ୱଚ୍ଛ ଭାରତ ଅଭିଯାନରେ ହରିଦ୍ୱାର ଯାତ୍ରା




**ଢେଙ୍କାନାଳ, ୧୯।୬(ସମିସ)**: ଛଦେଶ ଅଞ୍ଚଳର ବରିଷ୍ଠ ନାଗରିକ ଫୋରମ୍ ତରଫରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ସ୍ୱଚ୍ଛ ଭାରତ ଅଭିଯାନରେ ଏକ ୨୨ଜଣିଆ ପ୍ରତିନିଧି ଦଳ ହରିଦ୍ୱାର, ଋଷିକେଶ, ବଦ୍ରିନାଥ ଏବଂ ଅଯୋଧ୍ୟା ଗସ୍ତରେ ଯାଇ ଗଙ୍ଗା ସଫେଇ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜଣାପଡ଼ିଛି। ଏପରି ଏକ ପବିତ୍ର କାର୍ଯ୍ୟକ୍ରମରେ ପ୍ରତିନିଧିମାନେ ଗତ ୧୮ ତାରିଖରେ ଏଠାରୁ ଟ୍ରେନ୍ ଯୋଗେ ହରିଦ୍ୱାର ଯାତ୍ରା କରିଛନ୍ତି। ଉକ୍ତ ଯାତ୍ରା ସମୟରେ ହରିଦ୍ୱାର, ଋଷିକେଶ ଏବଂ ବଦ୍ରିନାଥରେ ଗଙ୍ଗା ନଦୀ କୂଳରେ ସଫେଇ କାର୍ଯ୍ୟକ୍ରମରେ ଯୋଗଦେବେ। ଉକ୍ତ ତିନୋଟି ସ୍ଥାନ ପରେ ଶେଷରେ ଅଯୋଧ୍ୟାର ସରଜୁ ନଦୀ କୂଳ ଏବଂ ରାମମନ୍ଦିର ସଫେଇ କାର୍ଯ୍ୟକ୍ରମ ସାରି ଆସନ୍ତା ୨୮ ତାରିଖରେ ଓଡ଼ିଶାକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଦଳର ନେତୃତ୍ୱ ନେଇଥିବା ବରିଷ୍ଠ ନାଗରିକ ଫୋରମ୍‌ର ସଭାପତି ଆଡଭୋକେଟ୍ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି। ଉକ୍ତ ଯାତ୍ରା ଆରମ୍ଭ ସମୟରେ ବିଜେପିର ବରିଷ୍ଠ ନେତା ରାମଚନ୍ଦ୍ର ପାତ୍ର, ସରୋଜ କୁମାର ପଟ୍ଟନାୟକ, କାଉନ୍‌ସିଲର ନିରୋଦ କୁମାର ସାହୁ, ଆଡଭୋକେଟ୍ ସୁବାଷ ପାଣିଗ୍ରାହୀ, ସମାଜସେବୀ ହାଇଦର୍ ମହମ୍ମଦ ଏବଂ ବହୁ ସାମାଜିକ ସଂଗଠନର କର୍ମକର୍ତ୍ତା ତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସଫେଇ କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେବା ପାଇଁ ଅଭିନନ୍ଦନ ଜଣାଇଛନ୍ତି। ଉକ୍ତ ଫୋରମ୍‌ର ଅନ୍ୟମାନଙ୍କ ମଧ୍ୟରେ ଗୋବର୍ଦ୍ଧନ ସିଂ, ପୀତବାସ ଖଟୁଆ, ଗୋକୁଳାନନ୍ଦ ଖୁଣ୍ଟିଆ, ପ୍ରଭାକର ପଣ୍ଡା, ପଙ୍କଜ ସାହୁ, ପତିତପାବନ ପଣ୍ଡା, ଉଦୟ କୁମାର ସାହୁ ପ୍ରମୁଖଙ୍କ ସହିତ ୨୨ଜଣ ସଦସ୍ୟ ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ୍ ହୋଇଛନ୍ତି।

### ପିଏମ୍ କିଷାନ ସମ୍ମାନ ନିଧି ଯୋଜନା

## ୧ ଲକ୍ଷ ୩୭ ହଜାର ଚାଷୀ ଉପକୃତ



**ଢେଙ୍କାନାଳ, ୧୯।୬(ସମିସ)**: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତର ପ୍ରଦେଶର ବାରଣାସୀଠାରୁ ପିଏମ୍ କିଷାନ ସମ୍ମାନ ନିଧି ଯୋଜନାର ୧୭ତମ କିସ୍ତି ପ୍ରଦାନ ସ୍ୱରୂପ ୯କୋଟି ୨୬ଲକ୍ଷ ଚାଷୀଙ୍କୁ ଡିଜିଟାଲ ପେମେଣ୍ଟ ମାଧ୍ୟମରେ ୨ହଜାର ଟଙ୍କା ଲେଖାଏଁ ମୋଟ ୨୦ହଜାର କୋଟି ଟଙ୍କା ହସ୍ତାନ୍ତର କରିଛନ୍ତି। ଏଥି ସହିତ ପ୍ରଧାନମନ୍ତ୍ରୀ କୃଷିର ବିକାଶ ନିମନ୍ତେ ନିୟୋଜିତ କୃଷି ସଖୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରି ସମ୍ମାନିତ କରିଛନ୍ତି। ଏହାଦ୍ୱାରା ଢେଙ୍କାନାଳ ଜିଲ୍ଲାରେ ପ୍ରାୟ ୧ ଲକ୍ଷ ୩୭ହଜାର ଚାଷୀ ଉପକୃତ ହେବେ ବୋଲି ଜଣାପଡ଼ିଛି। ଏହି ଅବସରରେ ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ହଲଠାରେ ଆୟୋଜିତ ସଭାରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଚାଷୀଭାଇ ଭଉଣୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତି ନିଶ୍ଚିତଭାବେ ପୂରଣ କରାଯିବ ବୋଲି କହିଛନ୍ତି। ଜଳସେଚନର ଅଧିକ ସୁବିଧା ସହିତ ଭ୍ରଷ୍ଟାଚାର ରୋକିବା ଦିଗରେ ବିଶେଷ ଧ୍ୟାନ ଦିଆଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଜିଲ୍ଲାରେ ବହୁ ଯୋଗ୍ୟ ହିତାଧିକାରୀ ଓ ଜୁଆଙ୍ଗ ସମ୍ପ୍ରଦାୟର ଲୋକ ବିଭିନ୍ନ ଯୋଜନାରୁ ବାଦ ପଡ଼ିଯାଉଥିବାରୁ ସେମାନଙ୍କୁ ଅନ୍ତର୍ଭୁକ୍ତ କରି ଲାଭାନ୍ୱିତ କରିବାକୁ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି କ୍ରମରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଜିଲ୍ଲାର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ନିଶ୍ଚିତ ଭାବେ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମଡ଼କର ସନ୍ଦୀପ ସମ୍ପଦ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ରମେଶ ଚନ୍ଦ୍ର ସେଠୀ, ସାଂସଦଙ୍କ ପ୍ରତିନିଧି ନରେଶ କୁମାର ମହାପାତ୍ର, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସୁବ୍ରତ କୁମାର ପାଢ଼ୀଙ୍କ ସମେତ ଜିଲ୍ଲାର ଚାଷୀ ଭାଇଭଉଣୀ, ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ। ଜିଲ୍ଲା କୃଷି ବିଜ୍ଞାନକେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ବିମଳେନ୍ଦୁ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନିର୍ବାଚନ ଫଳାଫଳ ନେଇ କଂଗ୍ରେସର ସମୀକ୍ଷା



**ଢେଙ୍କାନାଳ, ୧୯।୬(ସମିସ)**: ଜିଲ୍ଲା ସଭାପତି ସୁନୀଲ ଦାଶଙ୍କ ସଭାପତିତ୍ୱରେ ନିର୍ବାଚନରେ ଢେଙ୍କାନାଳ ଲୋକସଭା ଏବଂ ସଦର, ହିନ୍ଦୋଳ, କାମାକ୍ଷାନଗର ଓ ପରଜଙ୍ଗ ବିଧାନସଭା ନିର୍ବାଚନ ମଣ୍ଡଳୀରେ କଂଗ୍ରେସକୁ ମିଳିଥିବା ଭୋଟ୍ ବିଷୟରେ ଆଲୋଚନା କରାଯାଇଥିଲା। ସଭାକାର୍ଯ୍ୟ ପ୍ରାରମ୍ଭରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଆଜି ଦଳର ପୂର୍ବତନ ରାଷ୍ଟ୍ରୀୟ ସଭାପତି ଏବଂ ଦେଶର ଲୋକପ୍ରିୟ ନେତା ରାହୁଲ୍ ଗାନ୍ଧୀଙ୍କ ଜନ୍ମଦିନ ଉପଲକ୍ଷେ ଜିଲ୍ଲା କଂଗ୍ରେସ୍ ତରଫରୁ ଶୁଭେଚ୍ଛା ଜଣାଯାଇଥିଲା। ବିଧାନସଭା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ଯଥା ସୁସ୍ମିତା ସିଂହଦେଓ, ଗୋବର୍ଦ୍ଧନ ନାଏକ, ବିପ୍ରବର ସାହୁ, ରଣଜିତ ସାହୁ ତଥା ଜିଲ୍ଲା କମିଟି ଏବଂ ବ୍ଲକ କମିଟିର ସଦସ୍ୟମାନେ ଫଳାଫଳର ବିସ୍ତୃତ ସମୀକ୍ଷା କରିଥିଲେ। କେନ୍ଦ୍ରରେ ଥିବା ମୋଦି ସରକାର କଂଗ୍ରେସର ବ୍ୟାଙ୍କ୍ ଖାତାକୁ ଅଚଳ କରିଦେଇଥିବା ହେତୁ ଏଆଇସିସି ତରଫରୁ ଅବା ପିସିସି ତରଫରୁ ପ୍ରାର୍ଥୀମାନେ ଆର୍ଥିକ ସହାୟତା ପାଇ ନଥିବାରୁ ନିଜ ନିଜର ବ୍ୟକ୍ତିଗତ ଖର୍ଚ୍ଚରେ ଯଥା ସମ୍ଭବ ପ୍ରଚାର କାର୍ଯ୍ୟ କରିଥିଲେ। ବଡ଼ ବଡ଼ ସଭା, ରାଲି, ରୋଡ-ଶୋ ଆଦି ଆୟୋଜନ କରିବା ସମ୍ଭବପର ନଥିଲା। ଏଆଇସିସି ଏବଂ ପିସିସିର ଷ୍ଟାର୍ ପ୍ରଚାରକ ମାନେ ସଭା ଅବା ରାଲି କରିବା ପାଇଁ ଆସି ନଥିଲେ। ଯାହାଫଳରେ ପ୍ରାର୍ଥୀମାନଙ୍କ ମଧ୍ୟରେ ପ୍ରଚାର କରିବାରେ ଉତ୍ସାହ କମିଯାଇଥିଲା। ୨୦୧୯ ପରଠାରୁ କେନ୍ଦ୍ରୀୟ ନେତାମାନଙ୍କର ଓଡ଼ିଶା ଗସ୍ତ ପ୍ରାୟତଃ ବନ୍ଦ ହୋଇଯାଇଥିଲା ଏବଂ ପିସିସି ନେତାମାନଙ୍କର ଢେଙ୍କାନାଳ ଗସ୍ତ ମଧ୍ୟ ଆଖିଦୃଶିଆ ନଥିଲା। କଂଗ୍ରେସର ଇସ୍ତାହାର ବିଜେପି ଓ ବିଜେଡି ଅପେକ୍ଷା ବଳିଷ୍ଠ ଥିବା ସତ୍ତ୍ୱେ ତାହା ତୃଣମୂଳ ସ୍ତରରେ ପହଞ୍ଚି ପାରି ନଥିଲା। ଅପର ପକ୍ଷରେ ବିରୋଧୀ ଦଳ ବିଜେପିର କେନ୍ଦ୍ରୀୟ ନେତାଙ୍କଠାରୁ ରାଜ୍ୟସ୍ତରୀୟ ନେତାମାନେ ସହରଠାରୁ ପଞ୍ଚାୟତ ସ୍ତରରେ ଘନ ଘନ ଜନସଭା କରିବା ଫଳରେ ଭୋଟରମାନେ ଖୋଜୁଥିବା 'ବିକଳ୍ପ' ବିଜେପି ସପକ୍ଷରେ ଯାଇଥିଲେ। କଂଗ୍ରେସର ସାଙ୍ଗଠନିକ ଦୁର୍ବଳତା ଆଉ ଏକ କାରଣ ବୋଲି ଅନେକ ନେତା ମତ ଦେଇଛନ୍ତି। ତେବେ ଆଗାମୀ ପୌର ପରିଷଦ ଏବଂ ପଞ୍ଚାୟତ ନିର୍ବାଚନ ପାଇଁ ଏବେଠୁଁ ପ୍ରସ୍ତୁତ ହେବା ନିମନ୍ତେ ନେତାମାନେ ତୃଣମୂଳ ସ୍ତରରେ ସ୍ଥାନୀୟ ସମସ୍ୟାକୁ ନେଇ କାର୍ଯ୍ୟକ୍ରମ ଆରମ୍ଭ କରିବା ନିମନ୍ତେ ପ୍ରସ୍ତାବ ଗ୍ରହଣ ହୋଇଅଛି। କାମାକ୍ଷାନଗର ଅଞ୍ଚଳରେ ସାଧାରଣ ଲୋକଙ୍କ ହାନିଲାଭ ଓ ସମସ୍ୟା ଆଦି ସମାଧାନ ଦିଗରେ ସହାୟତାର ହାତ ବଢ଼ାଇବାକୁ ବିପ୍ରବର ସାହୁଙ୍କ ନେତୃତ୍ୱରେ ଏକ 'କଂଗ୍ରେସ ସେବା ସଙ୍ଗଠନ' ତିଆରି ହୋଇଛି। ଯାହା ଦଳ ପାଇଁ ଏକ ମଡେଲ ଭାବରେ କାମ କରିବ ବୋଲି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ଡାକ୍ତର ତୁଷାର କାନ୍ତି ନାୟକ ଜଣାଇଛନ୍ତି। ଆଜିର ସଭାରେ ମହିଳା କଂଗ୍ରେସ ସଭାନେତ୍ରୀ ସ୍ମିତାରାଣୀ ସାମଲ, ବରିଷ୍ଠ ନେତା ବିନୟ ସାହୁ, ନିଶାକର ସାହୁ, ଜିତେନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ପ୍ରଭୁଦତ ଭଞ୍ଜ, ରାଜୀବ ଲୋଚନ ସିଂହଦେଓ, ହୃଦୟାନନ୍ଦ ମହାନ୍ତି, ଅଜିତାନନ୍ଦ ବିହାରୀ, ଲିଗାଲ୍ ସେଲ୍‌ଫ ଅଧ୍ୟକ୍ଷ ଅମ୍ଳାନ କୁମାର ଖଟୁଆ, ମିଡିଆ ପ୍ରଭାରୀ ଅଧ୍ୟକ୍ଷ ତୁଷାରକାନ୍ତୀ ନାୟକ, ଅଜେନ୍ଦ୍ର ନାରାୟଣ ସାମଲ, ଉପସଭାପତି ବିଜୟାନନ୍ଦ ପଣ୍ଡା, ଉପସଭାପତି ଡମ୍ବୁରୁଧର ସେଠୀ, ଦୟାସାଗର ଦାସ, ମୁନିମ୍ ବେଗ୍, ଉର୍ମିଳା ଦାସ, ମାନସ କୁମାର ତ୍ରିପାଠୀ, ପ୍ରଫୁଲ୍ଲ କୁମାର ମହାନ୍ତି, ଚନ୍ଦ୍ରମଣି ନାଥ, ଛାତ୍ର କଂଗ୍ରେସ ସଭାପତି ହିତେଶ କୁମାର ହୋତା, ଲିପୁ ପାଲି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମହମ୍ମଦ ଅର୍ଶଦ ଧନ୍ୟବାଦ ଅର୍ପଣ କରିଥିଲେ ବୋଲି ପ୍ରିଣ୍ଟ ମିଡିଆ ପ୍ରଭାରୀ ରୁଦ୍ର ପ୍ରକାଶ ଶରଣ ଜଣାଇଛନ୍ତି।

